# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି

ପତ୍ର ସଂଖ୍ୟା ୪୨୭/ସଂସ୍କୃତି                                    ତାରିଖ ୦୮/୧୨/୨୪ ।

ପ୍ରାପକ,

ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ /
ସମସ୍ତ ନିର୍ବାହୀ ଅଧିକାରୀ ପୌରାଂଚଳ ତଥା ପୌରପାଳିକା ।

ବିଷୟ:- ବ୍ଲକ / ପୌରାଂଚଳ ଓ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ତଥା ପ୍ରତିଭା ଚୟନ ପ୍ରତିଯୋଗିତା-୨୦୨୫ ।

ମହାଶୟ/ମହାଶୟା

ଚଳିତ ବର୍ଷ ରାଜ୍ୟ ସରକାରଙ୍କର ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ବ୍ଲକ / ପୌରାଂଚଳ ସ୍ତରରେ ଯୁବ ଉତ୍ସବ ତଥା ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କ୍ରମନ୍ୱରେ ଜିଲ୍ଲାସ୍ତର ଓ ରାଜ୍ୟ ସ୍ତରରେ ଅନୁଷ୍ଠିତ ହେବ । ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଆସନ୍ତା ତା ୧୪.୧୨.୨୦୨୪ ରେ ଭାବନିପାଟଣା ଠାରେ ଅନୁଷ୍ଠିତ ହେବ । ଏହି ପରିପେକ୍ଷରେ କଳାହାଣ୍ଡି ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ପୌରାଂଚଳରେ ପ୍ରତିଯୋଗିତା ଗୁଡିକ ଆସନ୍ତା ତା ୧୨.୧୨.୨୦୨୪ ମଧରେ ଆୟୋଜନ କରିବେ ଏବଂ ନିର୍ଦ୍ଧାରିତ ତାରିଖରେ ପ୍ରତିଯୋଗିତା ସମାପନ କରି ତା ୧୩.୧୨.୨୦୨୪ ସୁଧା ଚୁଡାନ୍ତ ତାଲିକା ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଇ-ମେଲ କିମ୍ବା ସ୍ୱତନ୍ତ୍ର ଦୃତ ମାଧମରେ ପ୍ରେରଣ କରିବା ହେବେ । ଚୟନ ହୋଇଥିବା ପ୍ରତିଯୋଗୀମାନଙ୍କୁ ଦର୍ଶଯାଇଥିବା ସ୍ଥାନ କୁ ଏକ Nodal Officer ସହିତ ତା ୧୪.୧୨.୨୦୨୪ ରେ ପଠେଇବା ହେବେ । ବ୍ଲକ ସ୍ତରରେ ଏହି କାର୍ଯ୍ୟକ୍ରମକୁ ସୁ-ପରିଚାଳନା କରିବା ନିମନ୍ତେ ନିଜ ବ୍ଲକର "ବ୍ଲକ କଳା ସଂସ୍କୃତି ସଂଘ" କୁ ସାମିଲ କରି କାର୍ଯ୍ୟକ୍ରମକୁ ଆୟୋଜନ କରିବେ । ଏତଦ୍ ବ୍ୟତୀତ ବ୍ଲକରେଥିବା ବ୍ଲକ ଶିକ୍ଷାଧିକାରୀ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ମହାବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅଧକ୍ଷ ଏବଂ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କର ସହାୟତା ନେବେ । ଏହି ଚୟନ ସମୟ ରେ ବୟସ ସୀମା ୧୫ ରୁ ୨୯ ମଧରେ ନିର୍ଧାରିତ କରିବା ହେବେ ଓ ଆଧାର କାର୍ଡ ଅନୁଯାଇ ବୟସ ନିରୂପଣ କରିବେ। ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ୨୦୨୫ / ବ୍ଲକ ଓ ପୌରାଂଚଳ ଗୁଡିକରେ କେଉଁ କେଉଁ ପ୍ରତିଯୋଗତା ଗୁଡିକ ହେବ ତାର ତାଲିକା ଓ ନିୟମାବଳୀ ଅବଶିଷ୍ଟ- 'କ' ଓ 'ଖ' ରେ ସଂଲଗ୍ନ କରାଗଲା ।

ଆପଙ୍କର ବିଶ୍ୱସ୍ତ

ଜିଲ୍ଲାପାଳ, କଳାହାଣ୍ଡି

ଜ୍ଞାପକ ସଂଖ୍ୟା ୪୨୮/ସଂସ୍କୃତି                                    ତାରିଖ ୦୮/୧୨/୨୪ ।

ଏହାର ଏକକିତା ନକଲ ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା । / ଏହାର ଏକକିତା ନକଲ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା । ସେମାନେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ସହିତ ଆଲୋଚନା ପୂର୍ବକ ନିଜ ଅଂଚଳର ବିଦ୍ୟାଳୟ ଗୁଡିକୁ ବ୍ଲକ ସ୍ତରୀୟ ପ୍ରତିଯୋଗୀତା ପାଇଁ ନିର୍ଦ୍ଦେଶ ଦେବେ ।

ଜିଲ୍ଲାପାଳ, କଳାହାଣ୍ଡି

ଜ୍ଞାପକ ସଂଖ୍ୟା ୪୨୯/ସଂସ୍କୃତି                                    ତାରିଖ ୦୮/୧୨/୨୪ ।

ଏହାର ଏକକିତ ନକଲ ସମସ୍ତ ଉପ-ସଭାପତି, ବ୍ଲକ କଳା ସଂସ୍କୃତି ସଂଘକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କଳାହାଣ୍ଡି

অবশিষ্ট-'ক'

# ଜିଲ୍ଲା ସ୍ତରୀୟ ଯୁବ ଉତ୍ସବର ପ୍ରତିଯୋଗୀତା ନିୟମାବଳୀ

୦୧) ପ୍ରତ୍ୟେକ ପ୍ରତିଯୋଗୀଙ୍କ ବୟସ ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ସୀମିତ ହେବ ।

୦୨) ପ୍ରତ୍ୟେକ ବ୍ଲକ / ପୌରାଞ୍ଚଳରୁ ସର୍ବୋଚ୍ଚ ୨୯ ଜଣ ପ୍ରତିଯୋଗୀଙ୍କୁ ପଠାଇବେ ।

୦୩) ଯେଉଁ ପ୍ରତିଯୋଗୀମାନେ ବିଗତ ୨ ବର୍ଷ ମଧ୍ୟରେ ଜିଲ୍ଲାରେ ଉନ୍ନତି ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ସେମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ ।

୦୪) ପଞ୍ଜିକରଣ ସମୟରେ ବୟସ ପ୍ରମାଣପତ୍ର ଏବଂ ଆଧାର ପତ୍ର ଦାଖଲ କରିବା ଜରୁରୀ ଅଟେ । ପଞ୍ଜିକରଣ ସମୟ ସକାଳ ୯ ଘ. ରେ ଧାର୍ଯ୍ୟ କରାଯାଇଛି ।

୦୫) ପଞ୍ଜିକରଣ ସମୟରେ ପ୍ରତିଯୋଗୀ ତାଲିକା ଦାଖଲ ଅନୁସାରେ ହିଁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ହେବେ ।

୦୬) ନିଜର ସମୟ ସୀମା ଏବଂ ଅନ୍ୟାନ୍ୟ ନିୟମାବଳୀକୁ ମାନିବା ନିତାନ୍ତ ଆବଶ୍ୟକ ।

୦୭) ପ୍ରତିଯୋଗୀତାରେ ବିଚାରକମାନଙ୍କ ନିଷ୍ପତି ହିଁ ଗ୍ରହଣୀୟ ଓ ଚୂଡାନ୍ତ ।

୦୮) କୌଣସି ପ୍ରକାର ବିଶୃଙ୍ଖଳା ଓ ନିୟମର ବିରୁଦ୍ଧାଚରଣ କଲେ ପତିଯୋଗୀତାରୁ ବାଦ୍ ପଡିବା ସହିତ ଭବିଷ୍ୟତରେ ଅଂଶଗ୍ରହଣ କରିବା ପାଇଁ ଅଯୋଗ୍ୟ ବିବେଚିତ ହେବେ ।

୦୯) ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀ ହିଁ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ ।

୧୦) ସରକାରୀ ନିୟମାନୁଯାୟୀ ପ୍ରତିଯୋଗୀମାନଙ୍କୁ ଗାଡି ଭଡା ପ୍ରଦାନ କରାଯିବ, କିନ୍ତୁ ୯ କି.ମି. ରୁ କମ୍ ଦୂରତାରୁ ଆସିଥିବା ପ୍ରତିଯୋଗୀମାନେ ଗାଡି ଭଡା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

୧୧) ପ୍ରତ୍ୟେକ ପ୍ରତିଯୋଗୀ/ଦଳଙ୍କ ଖାଦ୍ୟପେୟ ଓ ଅବସ୍ଥାନ ବ୍ୟବସ୍ଥା ଜିଲ୍ଲାସ୍ତରୀୟ କମିଟି ଦ୍ୱାରା କରାଯିବ ।

୧୨) ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଠିକଣା:-


ନିବାସୀ- ଜିଲ୍ଲା ସଂସ୍କୃତି ଭବନ, ବସ ଷ୍ଟାଣ୍ଡ ପାଖ,
ଭବାନୀପାଟଣା, କଳାହାଣ୍ଡି
ମୋ- ୯୯୩୭୫୫୭୭୨୩ (ଜିଲ୍ଲା ସଂସ୍କୃତି ଅଧିକାରୀ) /
୮୧୧୭୮୮୩୪୯୮ (ଜୁନିଅର ଆଶିସଷ୍ଟାଣ୍ଡ)
E-mail:- dcokalahandi2009@gmail.com


ଜିଲ୍ଲାପାଳ, କଳାହାଣ୍ଡି

'ପରିଶିଷ୍ଟ-ଖ'

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ତଥା ପ୍ରତିଭା ଚୟନ ପ୍ରତିଯୋଗିତା-୨୦୨୪, ତା:- ୧୪.୧୨.୨୦୨୪

### ସ୍ଥାନ:- ଭବାନୀପାଟଣା, କଳାହାଣ୍ଡି

| କ୍ର. ସଂ. | ପ୍ରତିଯୋଗୀତାର ନାମ | ଅଂଶଗ୍ରହଣକରୀ ସଂଖ୍ୟା | ସମୟ ସୀମା | ଭାଷା | ସମୟ | ସ୍ଥାନ |
|---|---|---|---|---|---|---|
| ୦୧ | ଦଳଗତ ଲୋକନୃତ୍ୟ | ୧୦ (ଉଭୟ ମହିଳା/ପୁରୁଷ) | ୧୫ ମିନିଟ୍ | କଳାହାଣ୍ଡିଆ | ସକାଳ ୧୦.୩୦ | ଟାଉନ ହଲ, ଭବାନୀପାଟଣା |
| ୦୨ | ଦଳଗତ ଲୋକ ସଂଗୀତ | ୧୦ (ଉଭୟ ମହିଳା/ପୁରୁଷ) | ୦୭ ମିନିଟ୍ | କଳାହାଣ୍ଡିଆ | ଅପରାହ୍ନ ୦୨.୦୦ | ଟାଉନ ହଲ, ଭବାନୀପାଟଣା |
| ୦୩ | ଏକାକୀ ଲୋକ ନୃତ୍ୟ | ୦୧ (ମହିଳା/ପୁରୁଷ) | ୦୭ ମିନିଟ୍ | କଳାହାଣ୍ଡିଆ | ମଧ୍ୟାହ୍ନ ୧୨.୦୦ | ଟାଉନ ହଲ, ଭବାନୀପାଟଣା |
| ୦୪ | ଏକାକୀ ଲୋକ ସଂଗୀତ | ୦୧ (ମହିଳା/ପୁରୁଷ) | ୦୭ ମିନିଟ୍ | କଳାହାଣ୍ଡିଆ | ଅପରାହ୍ନ ୦୩.୩୦ | ଟାଉନ ହଲ, ଭବାନୀପାଟଣା |
| ୦୫ | ପଦ୍ୟ ଲିଖନ | ୦୨ (ମହିଳା-୦୧/ପୁରୁଷ-୦୧) | ୨୫ ମିନିଟ୍ | ହିନ୍ଦୀ/ଇଂରାଜୀ | ସକାଳ ୧୦.୩୦ | ETC, ଭବାନୀପାଟଣା |
| ୦୬ | ଗଳ୍ପ ଲିଖନ | ୦୨ (ମହିଳା-୦୧/ପୁରୁଷ-୦୧) | ୨୫ ମିନିଟ୍ | ହିନ୍ଦୀ/ଇଂରାଜୀ | ସକାଳ ୧୦.୩୦ | ETC, ଭବାନୀପାଟଣା |
| ୦୭ | ଚିତ୍ରକଳା | ୦୧ (ମହିଳା/ପୁରୁଷ) | ୩୦ ମିନିଟ୍ | କଳାହାଣ୍ଡି ଜିଲ୍ଲାର କଳା, ଐତିହ୍ୟ / କୀର୍ତ୍ତି ପର୍ଯ୍ୟଟନ ସ୍ଥଳି ଉପରେ ଆଧାରିତ | ସକାଳ ୧୦.୩୦ | ETC, ଭବାନୀପାଟଣା |
| ୦୮ | ଔପଚାରିକ ବକ୍ତୃତା | ୦୨ (ମହିଳା-୦୧/ପୁରୁଷ-୦୧) | ୧୦ ମିନିଟ୍ | ହିନ୍ଦୀ/ଇଂରାଜୀ | ସକାଳ ୧୦.୩୦ | ETC, ଭବାନୀପାଟଣା |

ଜିଲ୍ଲା ସଂସ୍କୃତି ଅଧିକାରୀ,
କଳାହାଣ୍ଡି